ଗାନ୍ଧାରୀଙ୍କ ଅନ୍ଧପଟଳ ବାନ୍ଧିବା, କୁନ୍ତୀଙ୍କର ହସ୍ତିନାକୁ ଯିବା, କର୍ଣ୍ଣକୁ ଦେଖିବା ଓ ଗାନ୍ଧାରୀଙ୍କୁ ଅନ୍ଧ ପଟଳ ବାନ୍ଧିବାରୁ ନିବର୍ତ୍ତାଇବା

ବଦୟନ୍ତି ଅଗସ୍ତି ଶୁଣ ନରପତି
ୟେଥୁ ଅନନ୍ତରେ କଥା ଶୁଣ ଦିବ୍ୟରୀତି । ୧ ।
ସ୍ୱାମୀର ଅନ୍ଧପଣ ଦେଖିଣ ଗାନ୍ଧାରୀ
ଆପଣେ ଆପଣେ ଦେବୀ ମନରେ ବିସରି । ୨ ।
କେବଣ ପାତକ ସ୍ୱାମୀ କରମ ବିପଦ
ସନ୍ତାନ ଉଛବ ରାଜା ନ ଦେଖଇ ସ- ଦ । ୩ ।
ସ୍ୱାମୀର ଅନ୍ଧପଟଳ ଯେବେ ବେନି ଆଖି
ମୁହିଂ ସେ ପାମରୀ କିସ ତାହାର ଦୁଖ ଦେଖି । ୪ ।
କପାଳେଶ୍ୱର ତୀର୍ଥେ ଦେବୀ ସଂକଳ୍ପ ଯେ କଲା
ସ୍ୱାମୀର ଦୁଖ ନ ଦେଖଇବି ବୋଲି ଅନ୍ଧପଟଳ ବାନ୍ଧିଲା । ୫ ।
ଗାନ୍ଧାରୀକି କଢାବଇ ଦେବୀ ରାଧେବ କୁମାରୀ
ସଞ୍ଜୟର ଦୁହିତା ସେ ମାଧବସେନର ମନୋହାରୀ । ୬ ।
ଧୃତରାଷ୍ଟ୍ରଙ୍କୁ କଢାବଇ ସେ ସଞ୍ଜୟେ ମହାମନ୍ତ୍ରୀ
ୟେସନେକ ବଞ୍ଚଇ ହସ୍ତିନାୟେ କୁରୁପତି । ୭ ।
ବ୍ୟାସେ କହିଲେ ଯାଇ ଶତଶିଂଗ ପର୍ବତେ
କୋଇନ୍ତା ମାଦ୍ରୀ ଦେବୀ ପଣ୍ଡୁର ଅଗ୍ରତେ । ୮ ।
ଧୃତରାଷ୍ଟ୍ର ଅନ୍ଧପଣ ଦେଖିଣ ନ ପାରି
ଆପଣେ ଅନ୍ଧପଟଳ ବାନ୍ଧିଲା ଗାନ୍ଧାରୀ । ୯ ।
ଶୁଣିଣ ପଣ୍ଡୁ ଯେ ମନରେ ବିସରି
ମନେଣ ଆରତ ହୋଇଲେ ପଣ୍ଡୁ ନୃପଧାରୀ । ୧୦ ।
ବ୍ୟାସଙ୍କର ବଚନେ ପଣ୍ଡୁ ଅନେକ ବିକଳ
ଗାନ୍ଧାରୀ କି ନିମନ୍ତେ ବାନ୍ଧିଲେ ଅନ୍ଧ ଯେ ପଟଳ । ୧୧ ।
ଭୋଜନ ଶୟନ ଗବନେ ଯେ ବାଟ କଢାଉଣ ଥିଲା
ୟେବେହେଂ ସ୍ୱାମୀକି ବଡ କଟାଳ ପଡିଲା । ୧୨ ।
କୋଇନ୍ତାୟେ ବୋଇଲେ ସ୍ୱାମୀ ଚାଲ ହସ୍ତିନାକୁ ଯିବା
ଗାନ୍ଧାରୀଙ୍କ ଅନ୍ଧପଟଳ ଚକ୍ଷୁରୁ କଢାଇବା । ୧୩ ।
-------
୪ ।୨ ମୁହିଂ ରାଢେଣୀ କିସ ସ- ଦ ୟେବେ ଦେଖି ।
୮ ବ୍ୟାସେ ବିଜେକଲେ ସେ ଶତଶିଂଗ ପର୍ବତେ ।
କୋଇନ୍ତା ମାଦ୍ରୀ ପଣ୍ଡୁ ବହୁ ବିନୟ ମତେ ।
ଗାନ୍ଧାରୀ ଅନ୍ଧ ପଟଳ ବହନ୍ତି ବିଗ୍ୟବନ୍ତେ
ପଣ୍ଡୁ ତାହା ଶୁଣିଲେ ଶତଶିଂଗ ପର୍ବତେ ।
୧୨ ।୨ ୟେବେହେଂ ସ୍ୱାମୀକି ବଡ କଷ୍ଟୋର ପଡିଲା ।
୧୦ ।୧ ବିସରି-ବିଚାରି

ପଣ୍ଡ ବୋଇଲେ ସେ ଅନ୍ଧ ଅନ୍ଧୁଣୀର ଅବସ୍ତା
ମୋହୋର ବେଳେ ଦେଖି ତାହା ନୋହିବ ଗୋ କୋଇନ୍ତା । ୧୪ ।
କୋଇନ୍ତା ବୋଇଲେ ମୁଂ ଯିବି ହସ୍ତିନାକୁ
ଅନେକ ବାଗେ ତିଆରିବି ଗାନ୍ଧାରସେନ ଦୁହିତାକୁ । ୧୫ ।
ପଣ୍ଡୁ ବୋଇଲେ ୟେ ମିଳଇ ଉଚିତ
ଯାଆ, ଯାଆ ବାମା ଗୋ ବହନ ହୋଇ ଆସ କୋନ୍ତ । ୧୬ ।
ପୁଅନ୍ତ ଘେନିଣ ଯାଅ ଗୋ ତୋହୋର ତୁଲେ

ଅନ୍ଧପଟଳ ଫେଡିବ ସେହୁ ଗୋ ଯୁଝେଷ୍ଠିଙ୍କି ଦେଖିଲେ । ୧୭ ।
କୋଇନ୍ତାୟେ ସଜ ହୋଇଲେ ହସ୍ତିନା ଭୁବନକୁ
ଧୃତରାଷ୍ଟ ଗାନ୍ଧାରୀ ପୁଅନ୍ତ ଦେଖିବାକୁ । ୧୮ ।
କୋଇନ୍ତାୟେ ତିଆରିଲେ ଶୁଣ ଗୋ ମଦନା
ଆଗୋ ସ୍ୱାମୀଙ୍କି ସେବି ଥାଅ ମୁଂ ବହନ ଆସଇ ସିନା । ୧୯ ।
ଯେ ତୋହୋର ରୂପଗୁଣ ସୁସଞ୍ଚ ହାଦେ ଦେଖି
ନ ପୁଣ ପଣ୍ଡୁ ବିଜୟେ କରନ୍ତିଟି ତୋହୋର ତହିଂକି । ୨୦ ।
ଶୁଣିଣ ହସିଲା ଯେ ଭାବିନୀ ମଦନା
ୟେମନ୍ତ କଥାକୁ ଦେବୀ ଗୋ ମୁହିଂ ସେ ବଜ୍ରସେହ୍ନା । ୨୧ ।
କୋଇନ୍ତାୟେ ତିଆରିଲେ ସମ୍ଭାଳ ମଦନା
ୟେତେ ତିଆରି ଦେବୀ ଗବନ ହସ୍ତିନା । ୨୨ ।
ଆହୋ ଶିପ ପାଦ ବୋଲି ଏକଇ ଶବରେ
ତୁଲେ ତା ଘେନିଲା ସେ ଦାରାକ୍ଷ ଫଳ ଭାରେ । ୨୩ ।
ଯୁଝେଷ୍ଠି ଭୀମ ଅର୍ଜୁନ ନକୁଳ କୁମାର
ଚାରୁପୁତ୍ରଙ୍କୁ କଲେ ସର୍ବାଙ୍ଗ ଅଳଙ୍କାର । ୨୪ । ସଂଖ୍ୟା
ବନସ୍ତରେ ଥାଆନ୍ତି ୟେକତା ନାମେ ମେଷ
ଅର୍ଜୁନ ନକୁଳ ବାହାନ କଲେ ବେନି ଶିଷ । ୨୫ ।

-------

୧୬ ।୧ ପଣ୍ଡୁ ବୋଇଲେ ଗୋ ଯେ ମିଳଇ ଯୁଗତ ।
୨୨ ।୧ କୋଇନ୍ତାୟେ ତିଆରିଲେ ଆକଟ ବଚନ ।
୨୫ ।୧ ଇକତା, ଇତିକା, ଏକତା, ଇତ୍ୟାଦି ପାଠ ପୋଥିମାନଙ୍କରେ ଅଛି ।

ଧବଳ ଚୋଖାର ତୁରଙ୍ଗ ବେନି ଗୋଟି
ତାହା ଆରୋହଣ କଲେ ଭୀମ ଯେ ଯୁଝେଷ୍ଠି । ୨୬ ।
ପୁଅନ୍ତ ଘେନିଣ କୋନ୍ତଭୋଜର କୁମାରୀ
ହସ୍ତିନା ଭୁବନକୁ ବିଜୟ କଲେ ମାହେଶ୍ୱରୀ । ୨୭ ।
ମକର ମାସ କୃଷ୍ଣପକ୍ଷ ଦୁତୀୟାର ତିଥି
ସଉରି ବାର ମଘା ନକ୍ଷତ୍ର ଯୁଗତି । ୨୮ । horoscope
ବିଷ୍ଟି ନାମେ କରଣ ପ୍ରୀତି  ନାମେ ଯୋଗ
କୋଇନ୍ତାୟେ ବିଜେକଲେ ହସ୍ତିନା ଭୁବନ ମାର୍ଗ । ୨୯ ।
ରାଧେବୀ କନ୍ୟାକୁ ଦେଖିଲେ ଯମୁନା ସ୍ରାହାନେ
କୋଇନ୍ତାକୁ ପ୍ରଣପତ୍ୟ ଅନେକ ଭକ୍ତି ମାନ୍ୟେ । ୩୦ ।
ଦେଖିଣ କୋଳ କଲେ କୋନ୍ତଭୋଜର ନନ୍ଦନୀ
କୁଶଳ ବାରତା ଯେ ପୁଛଇ ପୁଣ ପୁଣି । ୩୧ ।
ରାଧେବୀ ବୋଇଲେ ଗୋ ତୋର ପୁତ୍ର ଚାରିଗୋଟି
କ୍ଷମା ସାଧବୀ ତୁ ଉଦ୍ଧରନ୍ତା ନବ ସୃଷ୍ଟି । ୩୨ ।
କୋଇନ୍ତାୟେ ପୁଛା କଲେ ହୋଇଣ ହରଷ
ଆଗୋ ରାଧେବୀ ତୋର ପୁତ୍ର ଦୁହିତା କିସ । ୩୩ ।
ରାଧେବୀ ବୋଇଲେ ତୁ ମୋ ପ୍ରାଣ ଅଧିକାରୀ
ପ୍ରିୟ ଲୋକ ତୁଲେ ମିଥ୍ୟା କହି ତ କି ପାରି । ୩୪ ।
ବରଷ ବାଇଶ ଗୋ ପୁର୍ବା ପୁର୍ବୀ କଥା
ୟେହି ଯମୁନାରେ ସ୍ନାନ କରନ୍ତେ ଗୋ ମାତା । ୩୫ ।
ଜଳେ ଉପୁଚିଆଇଂ ଆସୁଛି ମଞ୍ଜୁଷା ଗୋଟିୟେ
ମହାତେଜେ ଦିଶୁଅଛି ନିର୍ଧୂମ ଅଗିନି ପରାୟେ । ୩୬ ।
ତାହା ଧଇଲି ମୁଂ ସ୍ରାହାନର କାଳେ

ମହାଭାର ପାଇ ପାଣି ପକାଇଲି କୂଳେ । ୩୭ ।
ପାଷାଣେ ସେ ପଡ଼ିଣ ହୋଇଲା ବେନି ଫାଳ
ତହୁଂ ବାହାର ହୋଇଲା ଯେକଇ ଦୁଲାଳ । ୩୮ ।
--------
୨୬ ।୧  ଧବଳ ଚୋଖାର ବାଜି ବାରଣ ବେନି ଗୋଟି ।

ଲୋହିତ ବର୍ଣ୍ଣ ତେଜ ବାଳ ଆଦିତ୍ୟର ପ୍ରାୟେ
ଶ୍ରବଣେ ଅମୃତ କୁଣ୍ଡଳ ବଜ୍ରଛଉରୀ ନିର୍ମିତ ଯେ କାୟ । ୩୯ ।
ତାଳୁରେ ବିରାଜଇ ଅଭେଦ କପଚମଣି
ଯେମନ୍ତ ପୁତ୍ର ଗୋଟି ମୁଂ ପାଇଲି ଗୋସାମଣୀ । ୪୦ ।
ରାଧେବୀ ବଚନେ ହସିଲେ ମାହେଶ୍ୱରୀ
ତୋତେ ସେ ପ୍ରାପତ ହୋଇଲାକି ପାଳିଲୁ ଯତ୍ନକରି । ୪୧ ।
ମା ଗୋ ଦୁର୍ଭାସାୟେ ମୋତେ ଜପାମାଳା ଦିଲେ ବାଳକାଳେ
ବିଦ୍ୟା ପରୀକ୍ଷ ନିମନ୍ତେ ସୁମରିଲି ଆଦିତ୍ୟଙ୍କୁ ମନ୍ତ୍ରବଳେ । ୪୨ ।
ଶୃଙ୍ଗାର କଲେ ମୋତେ ଦିନକର ନାଥ
ସଇନ୍ଦୁ ପୁତ୍ରେକ ଯେ ହୋଇଲା ସମ୍ଭୃତ । ୪୩ ।
କର୍ଣ୍ଣର ବାଟେ ଗୋ ପୁତ୍ର ହୋଇଲା ଉତପତ୍ତି
କର୍ଣ୍ଣ ବୋଲି ନାମ ଦିଲେ ବଦୟନ୍ତି ଦେବୀ କୋନ୍ତି । ୪୪ ।
ଲାଜେଣ ନ ନେଲି ଗୋ ପିତାର ରାଜ୍ୟକୁ
ମଞ୍ଜୁଷେ ଭରି ପକାଇଲି ଯମୁନା ଭିତରକୁ । ୪୫ ।
ମୋହୋର ସୁଫଳ ଗୋ ତୋହୋର ପରମ ଯେ ଭାଗ୍ୟ
ସେ ମୋହୋର ନନ୍ଦନ ଗୋ ହୋଇଲା ତୋତେ ଯୋଗ୍ୟ । ୪୬ ।
ମୋହୋର ଜ୍ୟେଷ୍ଠପୁତ୍ର ଗୋଟି ହୋଇଲା ତୋତେ ଶାଖା
ଆଗୋ ରାଧେବୀ ତୁ ମୁକୁଇଂ କର୍ଣ୍ଣକୁ ଆଣି ଦେଖା । ୪୭ ।
ଶୁଣିଣ ସାନନ୍ଦ ଯେ ସଞ୍ଜୟ କୁମାରୀ
କୋଇନ୍ତାକୁ ଘେନି ବିଜେ ଆପଣା ନିଜପୁରୀ । ୪୮ ।
ରାଇଣ ରାଧେବୀ ଯେ ଆଣିଲା କର୍ଣ୍ଣକୁ
କୋଇନ୍ତାୟେ ବୋଇଲେ ବାଭିୟେ ଚିହ୍ନିଲୁ ଟିକି ମୁକୁ । ୪୯ ।
କରପତ୍ର ଯୋଡ଼ିଣ ଯେ ବୋଲଇ ବୀର କର୍ଣ୍ଣ
ମୁହିଂ ଜାଣଇଂ ଗୋ ସମସ୍ତ ବିଧାନ । ୫୦ ।
ଅବିଭାଇତ କାଳେ ଗୋ ମନ୍ତ୍ର ପରୀକ୍ଷ ନିମନ୍ତେ
ଆଦିତ୍ୟ ଦେବତାଙ୍କୁ ସୁମରିଲୁ ଅଭିନବ ବନସ୍ତେ । ୫୧ ।
ଛିଦ୍ରେଣ ଶୃଙ୍ଗାର ତୋତେ କଲେ କରତାର
କର୍ଣ୍ଣ ବାଟେ ତୋହୋର ମୁଂ ହୋଇଲି ବାହାର । ୫୨ ।
-------------
୫୨ ।୧  ଛିଦ୍ରେଣ-କ୍ଷୁଦ୍ରେଣ

ମାଟିର ମଞ୍ଜୁଷ କରି ମୋତେ ଯତନେହେଂ ଭରି
ଜଳରେ ଭରି ମେଲିଲୁ ନିରାଶ ମୋତେ କରି । ୫୩ ।
ଉପୁଟିଆଇଂ ଅଇଲି ଜଳର ଉଦଯାନେ
ହସ୍ତିନାୟେ ଲାଗିଲି ଗୋ ପଞ୍ଚ ସହସ୍ର ଯୋଜନେ । ୫୪ । ସଂଖ୍ୟା
ରାଧେବୀ କନ୍ୟା ପାଳିଲା ମୋତେ ଧର୍ମେ
ରାଧେବ ନାମ ମୋତେ ଦିଲେ ନିଜକର୍ମେ । ୫୫ ।
ଧୃତରାଷ୍ଟ୍ରର ନନ୍ଦନ ଗୋ ଅଟଇ ଦ୍ରିଯୋଧନ
ଅନେକ ପ୍ରୀତି ଗୋ ତାହାର ମୋହୋର ଅଭେଦ ମନ । ୫୬ ।

ମୋହୋର ଅଟଇ ଗୋ ଜ୍ୟେଷ୍ଠା ନକ୍ଷତ୍ର ରାଶି
ଜ୍ୟେଷ୍ଠା ନକ୍ଷତ୍ରରେ ଜାତ ଗାନ୍ଧାରୀର ଶିଷି । ୫୭ । horoscope
ୟେମନ୍ତେ ୟେକ ରାଶିରେ ମଇତ୍ର ଆମ୍ଭେ ହୋଇଲୁ ଯେ ବେନି
ଦଣ୍ଡେ ମରୁଛି ନ ପାରୁ ଦିବା ଯେ ରୟେଣୀ । ୫୮ ।
ଚାରିପୁତ୍ରନ୍ତ ରାଇଣ ଦେବୀ ଯେ କୋଇନ୍ତେ
ବାବୁ ପ୍ରଣପତ୍ୟ ହୁଅ ରେ କର୍ଣ୍ଣର ପାଦଗତେ । ୫୯ ।
ୟେ ତୁମ୍ଭର ଜ୍ୟେଷ୍ଠଭ୍ରାଥ ଅଟଇ ସମ ପିତା
ମୁହିଂ ତୁମ୍ଭର ଅଟଇ ରେ ଗର୍ଭଧାରୀ ମାତା । ୬୦ ।
ମାତାଙ୍କର ବଚନେ ନକୁଳ ଅର୍ଜୁନ ଭୀମ ଯେ ଯୁଝେଷ୍ଠି
କର୍ଣ୍ଣର ପାଦତଳେ ଯାଇଂ ସମସ୍ତେହେଂ ଲୋଟି । ୬୧ ।
ଅନେକ କଲ୍ୟାଣ କଲା କର୍ଣ୍ଣ ଜ୍ୟେଷ୍ଠଭ୍ରାଥ
ରାଧେବୀ କନ୍ୟାର ଯେ ଅନେକ ହରଷ ଚିତ୍ତ । ୬୨ ।
କର୍ଣ୍ଣ ମାତାଙ୍କୁ ଯେ ହୋଇଲା ପରିଣାମ
ୟେ ପୁତ୍ରମାନଙ୍କର ଗୋ କିସ କିସ ନାମ । ୬୩ ।
ମାତାୟେ ବୋଇଲେ ବାବୁ ୟେ ଜ୍ୟେଷ୍ଠ ପୁତ୍ର ଗୋଟି
ୟେହାର ନାମ ବାବୁ ହୋ ଅଟଇ ଯୁଝେଷ୍ଠି । ୬୪ ।
କର୍ଣ୍ଣ ବୋଇଲା ମା ଗୋ ମନ୍ଦ କୃତ୍ୟ କଲୁ
ଦୁଜ ପୁତ୍ରକୁ କେସନେ ଜ୍ୟେଷ୍ଠ ନାମ ଦିଲୁ । ୬୫ ।
ମୋତେ ଜ୍ୟେଷ୍ଠ ପଣେ ଥୋଇଲୁ କାହିଂ ମାତେ
ୟେ ପୁତ୍ରନ୍ତ ତୋର ଆବର ମୁଂ ସମ୍ଭାଳିବି କେମନ୍ତେ । ୬୬ ।
---------
୫୪ ।୧  ଉଦଯାନେ-ଜଳର ଉପରକୁ ଉଠିବାରେ, ଉଜାଣିରେ-

ତୁ ସେ ମାତା ହୋଇ ମୋତେ କଲୁ ଗୋ ନିରାଶ
ମୁଂ ବାଳୁତ ହୋଇ କେହ୍ନେ ବଢାଇବି ମୁହାଂସ । ୬୭ ।
କୋଇନ୍ତା ପ୍ରତିବାଚ ତୁ ନ ହୋଅସି ବିମନ
ମୋହୋର ସଙ୍ଗେ ଚଳ ଜ୍ୟେଷ୍ଠ ଦେବୀ ନାମ । ୬୮ ।
ୟେ ଭ୍ରାଥଙ୍କ ଉପରେ ତୋତେ ରାଜା କରାଇବି
ଧୃତରାଷ୍ଟ୍ରଙ୍କ ତହୁଂ ମାଗି ପଞ୍ଚୁ କଟକେ ତୋତେ ଛତ୍ର ଧରାଇବି । ୬୯ ।
ଜେଷ୍ଠ ନାମ ତୋତେ ଦେବଇ ସମ୍ଭର୍ବେ
ଚାରି ଭାଇ ତୋତେ ସେବା କରୁଥିବେ । ୭୦ ।
ଆସ ବାବୁ ଯିବା ଆମ୍ଭର ପୁରକୁ
ଶତଶିଂଗେ ଦର୍ଶନ କରିବୁ ପଣ୍ଡୁକୁ । ୭୧ ।
ୟେ ଦୁଜ ପୁତ୍ର ହୋଇ ଗୋ ବହିଲା ଜ୍ୟେଷ୍ଠ ନାମ
ୟେହାକୁ ମାଇଲେ ସିନା ଦିଶିବ ମୋହୋରି ଧର୍ମ । ୭୨ ।
ୟେହାର ଥିଲେ ମୋହୋର ସ- ଦ ନାହିଂ କିଛି
ୟେ ଯେବେ ମୋତେ ମାରଇ ୟେହାର ଜ୍ୟେଷ୍ଠ ନାମ ହୋଉସି  । ୭୩ ।
ୟେ ମୋହୋର ବ୍ରତଟି ଅଟଇ ନିୟମ
ୟେମାନଙ୍କର ତୁଲେ ମୁହିଂ ନୋହିଲଇ ସରିସମ । ୭୪ ।
ୟେତେ ବୋଲି କର୍ଣ୍ଣ ଗଲାକ ତହୁଂ ରାଗେ
ଆଉ ବେଳେ ନୋହିଲା ସେ କୋଇନ୍ତାଙ୍କର ଆଗେ । ୭୫ ।
ପୁଅନ୍ତ ଘେନି କୋନ୍ତଭୋଜର କୁମାରୀ
ନାରାୟଣ ନାରାୟଣ ବୋଲି ଅନେକ ବିସରି । ୭୬-୨୯୪୪ ।
-----------
୬୭    ତୁ ସେ ମାତା ହୋଇ କଲୁ ମୋତେ ଝିଂଘାସା ।

ମୁଁ ବାଳୁତ ହୋଇ କେମନ୍ତେ ବଢାଇବି ଆଶ ।
୭୨ ।୨ ୟେହାକୁ ମାଇଲେ ମୋର ଜ୍ୟେଷ୍ଠ ପଦ ଅଛି ।
୭୪ ।୧ ୟେ ମୋହୋର ସଂକଳ୍ପ ଅଛଇ ନିୟମ ।
************